# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**4 August - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ହରଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା
- ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗିନ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ
- ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ଆସନ୍ତାକାଲି ରତ୍ନଭଣ୍ଡାର ଗୃହର ମରାମତି ନେଇ ହେବ ଆଲୋଚନା

— ଶ୍ରୀବିଗ୍ରହମାନଙ୍କର ଖସାପଡା ଗୁପ୍ତ ନୀତି ପାଇଁ ଆସନ୍ତାକାଲି ସନ୍ଧ୍ୟା ୫ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ମହାନଦୀର ଉପରମୁଣ୍ଡରେ ବର୍ଷା ଯୋଗୁଁ ୧୪ଟି ଗେଟ୍ ଦେଇ ନିଷ୍କାସନ କରାଯାଉଛି ବନ୍ୟାଜଳ

## ହର-ଘର ତ୍ରିରଙ୍ଗା-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହର-ଘର ତ୍ରିରଙ୍ଗା ଅଭିଯାନ ଅଧୀନରେ ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି । ଆସନ୍ତା ୯ରୁ ୧୫ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ସହିତ ଏକ ସେଲ୍‌ଫି ନେଇ ଏହାକୁ ହରଘର ତ୍ରିରଙ୍ଗାର ୱେବସାଇଟ୍‌ରେ ଅପ୍‌ଲୋଡ କରିବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ଉଲ୍ଲେଖ କରିଛନ୍ତି ହର-ଘର ତ୍ରିରଙ୍ଗା ଅଭିଯାନ ଗତ ଦୁଇବର୍ଷ ମଧ୍ୟରେ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି । ଏହା ଦେଶର କୋଣ ଅନୁକୋଣରେ ପ୍ରତ୍ୟେକ ଭାରତୀୟଙ୍କ ଏକାଗ୍ରତାକୁ ଜାଗ୍ରତ କରିଛି ବୋଲି ସେ ଲେଖିଛନ୍ତି ।

## ଅନୁସୂଚିତ ଜାତି ଓ ଜନଜାତି

ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିର ଲୋକମାନଙ୍କର ସର୍ବାଙ୍ଗିନ ଉନ୍ନତି ଲାଗି କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ନବନିର୍ବାଚିତ ବିଧାୟକ ଓ ସାଂସଦମାନଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ପଛୁଆବର୍ଗର ଲୋକମାନଙ୍କର ସର୍ବାଙ୍ଗିନ ଉନ୍ନତି ପାଇଁ ବଦ୍ଧପରିକର। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ହାକାଥନ ପ୍ରତିଯୋଗିତା

**ବୌଦ୍ଧ** ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷଙ୍କ ସହିତ ଅନ୍ୟମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି ।

## ତିରୋଧାନ ଦିବସ-ନନ୍ଦିନୀ ଶତପଥୀ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କର ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କର ସ୍ମୃତିଚାରଣ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାର ପ୍ରଗତୀ ଓ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଅମ୍ଳାନ କୃତୀ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମତୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କଳା, ସାହିତ୍ୟ, ସାମ୍ବାଦିକ ଓ ରାଜନୀତି କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।  ଢେଙ୍କାନାଳ ଷ୍ଟାଡିୟମ୍ ପରିସରରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପୂର୍ବତନ ସାଂସଦ ମହେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ-ହକି ଟିମ୍

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ୍‌କୁ ପରାସ୍ତ କରି ସେମି ଫାଇନାଲରେ ପହଞ୍ଚିଛି। ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪/୨ ଗୋଲ୍‌ରେ ବିଜୟୀ ହୋଇଥିବା ଭାରତୀୟ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇବା ସହ ତାଙ୍କର ବିଜୟ କାମନା କରିଛନ୍ତି।

## ଗଜପତି ଜିଲ୍ଲା ଗସ୍ତ

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଜପତି ଜିଲ୍ଲା ଗସ୍ତରେ ଯାଇ ପାରଳାଖେମୁଣ୍ଡିଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ଯେଉଁ ସବୁ ପ୍ରତିଶ୍ରୁତିଗୁଡ଼ିକ ଦିଆଯାଇଥିଲା ସେଗୁଡ଼ିକୁ ସାକାର କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ବାସୀଙ୍କ ବିଶ୍ୱାସ ଓ ଭରସାକୁ ତାଙ୍କ ସରକାର ସମ୍ମାନ ଦେଉଛି। ଶ୍ରୀ ସାମଲ କୋରାପୁଟ ଓ ରାୟଗଡ଼ା ଜିଲ୍ଲା ଗସ୍ତ ଶେଷ କରି ଗଜପତି ଜିଲ୍ଲାରେ ପହଞ୍ଚିଥିଲେ।

## ରତ୍ନଭଣ୍ଡାର କମିଟି ବୈଠକ

**ପୁରୀ** ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ଆସନ୍ତାକାଲି ପୂର୍ବାହ୍ଣ ୧୦ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ବୈଠକରେ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା ହେବା ନେଇ କାର୍ଯ୍ୟକ୍ରମ ରହିଛି। ରତ୍ନଭଣ୍ଡାର ଗୃହର ମରାମତି ନେଇ ଆଲୋଚନା କରାଯିବା ସହିତ ମାର୍ଗଦର୍ଶିକା ଅନୁସାରେ, ବୈଠକରେ ଅନ୍ୟ ପଦକ୍ଷେପଗୁଡ଼ିକ ନିଆଯାଇପାରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମାର୍ଗଦର୍ଶିକା

ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜଣାପଡିଛି ।

## ଚିତାଲାଗି

**ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଖସାପଡା ନୀତି ଆସନ୍ତାକାଲି ଅନୁଷ୍ଠିତ ହେବ। ଖସାପଡା ନୀତି ଦ୍ୱାରା ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ହୋଇଥାଏ। ଦଇତାପତି ସେବକମାନେ ଶ୍ରୀବିଗ୍ରହଙ୍କର ଏହି ଗୁପ୍ତ ନୀତିକୁ ଆସନ୍ତାକାଲି  ଦ୍ୱିତୀୟ ଭୋଗମଣ୍ଡପ ପରେ ସମ୍ପାଦନା କରିବେ।  ଏଥିପାଇଁ ଶ୍ରୀବିଗ୍ରହମାନଙ୍କୁ ସର୍ବସାଧାରଣ ଦର୍ଶନ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ବନ୍ଦ ରହିବ । ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀଜିଉମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଦଇତାପତି ସେବକମାନେ ଏହି ନୀତି ସମ୍ପାଦନ କରୁଥିଲେ। ମଧ୍ୟାହ୍ନ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ମହାପ୍ରଭୁ ସ୍ନାନମଣ୍ଡପରୁ ବାହୁଡିବାବେଳେ ସେବକମାନେ ଶ୍ରୀମସ୍ତକରୁ ଚିତା ବାହାର କରିଥିଲେ। ସେଥିଲାଗି ଆଜି ଚିତାଲାଗି ଅମାବାସ୍ୟା ତିଥିରେ ଶ୍ରୀଜୀଉଙ୍କୁ ପୁଣି ଥରେ ଚିତାଲାଗି କରାଯାଇଛି। **ନବରଙ୍ଗପୁର** ଜିଲ୍ଲାରେ ଜନଜାତି ସମ୍ପ୍ରଦାୟ ପକ୍ଷରୁ ଚିତାଲାଗି ଅମାବାସ୍ୟା ବା ଉଆଁସ ପରବ ପାଳିତ ହୋଇଯାଇଛି। ସକାଳୁ ଗ୍ରାମବାସୀ ଜଙ୍ଗଲକୁ ଯାଇ ଔଷଧୀୟ ବୃକ୍ଷ ରାସ୍ନା ଓ ଶତାବରୀ ଡାଳ ଭାଙ୍ଗି ଆଣିବା ପରେ ପ୍ରତ୍ୟେକ ଘର ଓ ଚାଷଜମିରେ ପୂଜା କରାଯାଇ ଏହି ଡାଳ ପୋତାଯାଇଥିଲା।

## କେଦାରନାଥରୁ ସୁରକ୍ଷିତ ଉଦ୍ଧାର

ଉତ୍ତରାଖଣ୍ଡର କେଦାରନାଥରେ ଅଟକି ରହିଥିବା **କେନ୍ଦୁଝର** ଜିଲ୍ଲାର ୪ ଜଣ କାଉଡିଆଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଜିଲ୍ଲା ପ୍ରଶାସନ ସେମାନଙ୍କ ସହିତ ଯୋଗାଯୋଗରେ ଥିବା ଜଣାପଡିଛି। ସୂଚନା ଅନୁସାରେ, ସେମାନଙ୍କୁ ହରିଦ୍ୱାର ରେଳଷ୍ଟେସନକୁ ଅଣାଯାଇ ଓଡ଼ିଶା ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରାଯାଉଛି।

## ସାମ୍ବାଦିକ ଦିବସ-ଆଲୋଚନା

**ନୟାଗଡ଼** ରୋଟାରୀ କ୍ଲବ୍ ପକ୍ଷରୁ ଆଜି ସାମ୍ବାଦିକତା ଦିବସ ପାଳନ ଅବସରରେ କ୍ଲବ୍‌ର ସମ୍ପାଦକ ଅବିନାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କର କର୍ମମୟ ଜୀବନ, ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ସେମାନଙ୍କର ପରିସୀମା, ସମ୍ବାଦ ପରିବେଷଣ ଏବଂ ତଥ୍ୟଭିତ୍ତିକ ସମ୍ବାଦର ସମାଜରେ କିପରି ପ୍ରଭାବ ପଡିଥାଏ ସେ ବିଷୟରେ ଆଲୋଚନା ହୋଇଥିଲା।

## ଡେଙ୍ଗୁ-ଡାଇରିଆ ଶୋଭାଯାତ୍ରା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଗୁରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ ଏବଂ ଡାଇରିଆ ଆଦି ରୋଗ ଉପରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଆଶା, ଅଙ୍ଗନୱାଡି କର୍ମୀମାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଭାଗ ନେଇ ଏହିସବୁ ରୋଗରୁ କିପରି ସୁରକ୍ଷିତ ରହିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା।

## ଜଡିବୁଟି ବିତରଣ ସମାରୋହ

**ବୌଦ୍ଧ** ମହାନଦୀ ଆଳତୀଘାଟଠାରେ ଆଜି ଜଡିବୁଟି ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଯୋଗଶିବିର ଏବଂ ଯୋଗାଭ୍ୟାସ ସହିତ ଔଷଧିୟ ବୃକ୍ଷର ଉପଯୁକ୍ତ ବ୍ୟବହାର ନେଇ ଶିବିରରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଆଲୋବେରା, ଅଁଳା, ତୁଳସୀ, ଗିଲୋୟ, ପତ୍ରଗଜା ସହିତ ବିଭିନ୍ନ ଔଷଧୀୟ ବୃକ୍ଷ ବିତରଣ କରାଯିବା ସହ ଗଛ ଲଗାଇବା ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା।

## ସାମ୍ବାଦିକ ଦିବସ-ଆଲୋଚନା

**ନୟାଗଡ଼** ରୋଟାରୀ କ୍ଲବ୍ ପକ୍ଷରୁ ଆଜି ସାମ୍ବାଦିକତା ଦିବସ ପାଳନ ଅବସରରେ କ୍ଲବ୍‌ର ସମ୍ପାଦକ ଅବିନାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କର କର୍ମମୟ ଜୀବନ, ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ସେମାନଙ୍କର ପରିସୀମା, ସମ୍ବାଦ ପରିବେଷଣ ଏବଂ ତଥ୍ୟଭିତ୍ତିକ ସମ୍ବାଦର ସମାଜରେ କିପରି ପ୍ରଭାବ ପଡିଥାଏ ସେ ବିଷୟରେ ଆଲୋଚନା ହୋଇଥିଲା।

## ହୀରାକୁଦ ଜଳଭଣ୍ଡାର

ମହାନଦୀ ଉପର ମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଉଥିବାରୁ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହୀରାକୁଦର ଆଉ ୪ଟି ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ବାମପାର୍ଶ୍ୱର ୧୦ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲାଯାଇ ମହାନଦୀ ଓ କେନାଲଗୁଡ଼ିକୁ ବନ୍ୟା ଜଳ ନିଷ୍କାସନ ଜାରି ରହିଛି।

ସୂଚନା ଅନୁସାରେ, ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୦୯ ଦଶମିକ ୭/୧ ଫୁଟ୍ ଥିଲା। ଜଳଭଣ୍ଡାର ମଧ୍ୟକୁ ପ୍ରତିସେକେଣ୍ଡ୍‌ରେ ୨ ଲକ୍ଷ ୩୫ ହଜାର ୬୬୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୪୨ ହଜାର ୪୬୮ କ୍ୟୁସେକ୍ ଜଳ ମହାନଦୀକୁ ଛଡାଯାଉଛି।

ଅନ୍ୟପକ୍ଷରେ, ଆସନ୍ତାକାଲି ପର୍ଯ୍ୟନ୍ତ ବଡ଼ ଧରଣର ବର୍ଷା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ବୁଧବାର ଆଡକୁ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବନ୍ୟା ପରିସ୍ଥିତି ଉପୁଜି ନାହିଁ ଏବଂ ନଦୀଗୁଡ଼ିକ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି।

**********************************